# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 January - 2025

### News Editor : Tapan Kumar Maharana

**************************************

## ମୁଖ୍ୟ ସମ୍ବାଦ

- 'ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା' ଦୁଇ ଦିନିଆ ସମ୍ମିଳନୀ ଭୁବନେଶ୍ୱରଠାରେ ଆସନ୍ତାକାଲିଠାରୁ ହେବ ଆରମ୍ଭ; ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଏ ପର୍ଯ୍ୟନ୍ତ ଇ-କେଓ୍ୱାଇସି କରିନଥିବା ନେଇ ସୂଚନା ଦେଲେ ଯୋଗାଣ ମନ୍ତ୍ରୀ
- ତୀର୍ଥଯାତ୍ରା ଯୋଜନାରେ ୧୦ଟି ତୀର୍ଥସ୍ଥାନ ଭ୍ରମଣରେ ଆସନ୍ତାକାଲି ଗସ୍ତ କରିବେ ରାଜ୍ୟର ୮୦୦ ବରିଷ୍ଠ ନାଗରିକ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ସୁରମା ହକି କ୍ଲବ ଏବଂ କଳିଙ୍ଗ ଲାନସର୍ସ ମଧ୍ୟରେ ହେବ ମୁକାବିଲା

***BBSR/R***

# ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ଆସନ୍ତାକାଲି ମଙ୍ଗଳବାର ଓ ବୁଧବାର ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ସମ୍ମିଳନୀରେ ୨୦ଟି ଦେଶରୁ ୭ ହଜାର ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ୧୦୦ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ।

ଓଡ଼ିଶା ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ ହେବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସେ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଆଗାମୀ ଦିନରେ 'ଭାରତ ମାନଚିତ୍ରରେ ଓଡ଼ିଶା' ଶିଳ୍ପ ପେଣ୍ଠସ୍ଥଳି ହେବ। ଏହି ସମ୍ମିଳନୀ ଦ୍ୱାରା ରାଜ୍ୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

**- V/O -**
**(Sampad Chandra Swain)**

ଦେଶ ଓ ବିଦେଶର ବିଭିନ୍ନ ଶିଳ୍ପସଂସ୍ଥାର ୭ ହଜାର ୫୦୦ ରୁ ଅଧିକ ଶିଳ୍ପ ପ୍ରତିନିଧି, ନିବେଶକ ସମ୍ମିଳନୀରେ ଯୋଗଦେବେ। ସମ୍ମିଳନୀରେ ୪ଟି ଅଧିବେଶନରେ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା, ମହିଳା ଉଦ୍ୟୋଗୀଙ୍କ ମଧ୍ୟରେ ଆଲୋଚନା କରାଯିବ। ଦୁଇଦିନିଆ ସମ୍ମିଳନୀ ପରେ ସାଧାରଣ ଜନତାଙ୍କ ପାଇଁ ୩୦ ତାରିଖ ଦିନ ପ୍ରଦର୍ଶନୀ ଖୋଲା ରହିବ ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୭ ମାସ ମଧ୍ୟରେ ରାଜ୍ୟ ସରକାର ୨ ଲକ୍ଷ ୭୫ ହଜାର କୋଟି ଟଙ୍କା ମୂଲ୍ୟର ୧୫୯ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ପ୍ରାୟ  ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

***HS***

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆସନ୍ତାକାଲି ଓଡିଶା ଗସ୍ତ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ବିମାନବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ବ୍ୟାରିକେଡିଂ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପାଇଁ ୬୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ଓ ୪୦୦ରୁ ଅଧିକ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି।

*HS*

## ଯୋଗାଣ- ଇ-କେଓ୍ୱାଇସି

ରାଜ୍ୟରେ ଏ ପର୍ଯ୍ୟନ୍ତ ୪୦ ଲକ୍ଷ ୪୦ ହଜାର ୮୬୪ ଜଣ ହିତାଧିକାରୀ ଇ-କେଓ୍ୱାଇସି କରିନଥିବା ଯୋଗାଣ ମନ୍ତ୍ରୀ  କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଏ ପର୍ଯ୍ୟନ୍ତ ୮୮ ପ୍ରତିଶତ ହିତାଧିକାରୀ ଇ-କେଓ୍ୱାଇସି କରିସାରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ମୋଟ ୩ କୋଟି ୩୫ ଲକ୍ଷ ୫୭୦ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨ କୋଟି ୯୫ ଲକ୍ଷ ୮୯ ହଜାର ୯୧୨ ଜଣ ହିତାଧିକାରୀ ଇ-କେଓ୍ୱାଇସି କରି ସାରିଛନ୍ତି । ରାଜ୍ୟରେ ୨ କୋଟି ୯୪ ଲକ୍ଷ ୫୯ ହଜାର ୮୮୬ ଇ-କେଓ୍ୱାଇସି ଏବଂ ରାଜ୍ୟ ବାହାରୁ ୧ ଲକ୍ଷ ୩୦ ହଜାର ୨୬ ଜଣ ଇ-କେଓ୍ୱାଇସି କରିଛନ୍ତି । ଆସନ୍ତା ୩୧ ତାରିଖ ସୁଦ୍ଧା ଇ-କେଓ୍ୱାଇସି ପ୍ରକ୍ରିୟା ଯାଞ୍ଚ କାର୍ଯ୍ୟ ଶେଷ ହେବାକୁ ଥିବା ବେଳେ ପରେ ଅଭିଯୋଗ ଆସିଲେ ସରକାର ବିଚାର କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

*HS*

## ମୁଖ୍ୟମନ୍ତ୍ରୀ- ସମ୍ବର୍ଦ୍ଧନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଓଡିଶୀ ଗୁରୁ ଦୁର୍ଗା ଚରଣ ରଣବୀର, ସ୍ଥପତି ଅଦ୍ୱୈତ ଗଡ଼ନାୟକ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଗତକାଲି ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଆୟୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ'ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତ ଏବଂ ଭାରତୀୟତା ହେଉଛି ଆମ ଅସ୍ତିତ୍ୱର ମୂଳ ପିଣ୍ଡ। ଆମ ଦେଶ ଓ ଏହାର ସଂସ୍କୃତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଦେଶ ଓ ଜାତି ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ।

***Ganjam***

## ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ତୀର୍ଥଯାତ୍ରା ଯୋଜନାରେ ଆସନ୍ତାକାଲି ୮୦୦ ଜଣ ବରିଷ୍ଠ ନାଗରିକ ୧୦ଟି ତୀର୍ଥସ୍ଥାନ ଭ୍ରମଣରେ ଯିବେ। ଗଞ୍ଜାମ ଜିଲ୍ଲାରୁ ୪୩୮ ଜଣ ଏହି ତୀର୍ଥଯାତ୍ରାରେ ଯିବାକୁ ଥିବା ବେଳେ ଗଜପତିରୁ ୭୨, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଏବଂ ନୟାଗଡ଼ ଜିଲ୍ଲାରୁ ୧୧୯ ଜଣ ବରିଷ୍ଠ ନାଗରିକ ରହିଛନ୍ତି। ସେମାନଙ୍କ ସହ ୨୫ ଜଣ ଏସ୍କର୍ଟ ଅଧିକାରୀ ଯାତ୍ରା କରିବେ।

***Desk***

## ମୁଖ୍ୟ ଶାସନ ସଚିବ ଅତିରିକ୍ତ ଦାୟିତ୍ୱ

ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କୁ ରାଜ୍ୟ ସରକାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ବ୍ୟତୀତ

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅତିରିକ୍ତ ଦାୟିତ୍ୱ ସମେତ ଶ୍ରୀ ଆହୁଜା ନୂଆଦିଲ୍ଲୀ ଓଡ଼ିଶା ଭବନର ମୁଖ୍ୟ ଆବାସିକ ଅଧିକାରୀ ଦାୟିତ୍ୱରେ ରହିବେ। ଏ ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

***Naygada***

## ଜଳବିଭାଜିକା ଯାତ୍ରା

ନୟାଗଡ଼ ଜିଲ୍ଲାର ସଦର ବ୍ଲକ ଘଡ଼ୁଆଳ ପଞ୍ଚାୟତ ଅନ୍ତର୍ଗତ ବ୍ରଜବଲ୍ଲଭପୁର ଗାଁରେ ଜଳବିଭାଜିକା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ କହିଛନ୍ତି, ଜଳବିଭାଜିକା ମାଧ୍ୟମରେ କ୍ଷେତ, ପୋଖରୀ ଖନନ ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଉଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଚାଷୀମାନଙ୍କ ଆୟ ବହୁଗୁଣିତ ହୋଇଛି ବୋଲି କହିଛନ୍ତି। ଏହି ଅବସରରେ କୃତି ଛାତ୍ରଛାତ୍ରୀ ଓ ଅଣ୍ଟୁ ଜଳବିଭାଜିକା କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

***Desk***

## ଡଲଫିନ୍ ଗଣନା

ଗହୀରମଥା ଓ ଭିତରକନିକାରେ ଆଜିଠାରୁ ଡଲଫିନ୍ ଗଣନା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ରାଜନଗର ବନଖଣ୍ଡ ଧାମରା ମୁହାଁଣରୁ ଦେବୀ ମୁହାଁଣ ସମୁଦ୍ର ଏବଂ ଭିତରକନିକାରେ ଥିବା ନଦୀନାଳ ଗୁଡ଼ିକରେ

ଡଲଫିନ୍ ଗଣନା କରାଯାଉଛି । ଆଜିକୁ ମିଶାଇ ୩ ଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା ଜାରି ରହିବ ବୋଲି ସୂଚନା ମିଳିଛି ।

***BHK***

## ମହାଶିବରାତ୍ରୀ ପ୍ରସ୍ତୁତି ବୈଠକ

ଭଦ୍ରକ ଜିଲ୍ଲା ଆରଡ଼ି ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ମହାଶିବରାତ୍ରୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ପ୍ରଶାସନିକ ଅଧିକାରୀ ଓ ମନ୍ଦିର ସେବାୟତ ପ୍ରମୁଖ ଯୋଗଦେଇ ଜାଗର ଯାତ୍ରାରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସୂଚନା ଅନୁଯାୟୀ, ମହାଶିବରାତ୍ରୀ ପାଳନ ସମୟରେ ନଦୀଘାଟ ଓ ଜଳପଥରେ ପାୱାରବୋଟ୍ ଏବଂ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମୁତୟନ କରାଯିବାରକୁ ନିଷ୍ପତ୍ତି ହୋଇଛି ।

***Desk***

## ସିଂହୀ ମୃତ୍ୟୁ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିଂହୀ ରେୱାର ମୃତ୍ୟୁ ଘଟିଛି । ସିଂହୀ ରେୱାକୁ ୮ ବର୍ଷ ହୋଇଥିଲା । ଗତ ୨୫ ତାରିଖରେ ରେୱା ତୃତୀୟଥର ପାଇଁ ମାତୃତ୍ୱ ଲାଭ କରିଥିଲା । ପ୍ରସବକାଳୀନ ଅସୁସ୍ଥତା ଯୋଗୁଁ ତାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ନନ୍ଦନକାନନରେ ଏବେ ସିଂହ ସଂଖ୍ୟା ୨୩ରେ ପହଁଞ୍ଚିଛି ।

***Desk***

# ପେନ୍‌ସନ୍ ଯୋଜନା

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଏକୀକୃତ ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରିବା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତବର୍ଷ ଏପ୍ରିଲ ମାସରୁ ଏହି ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ ହେବ । ଏକୀକୃତ ପେନ୍‌ସନ୍ ଯୋଜନାରେ ୨୫ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷ ଚାକିରି କରିଥିଲେ ଅବସର ପୂର୍ବ ୧୨ମାସରେ ସେମାନଙ୍କ ହାରାହାରି ମୌଳିକ ଦରମାର ୫୦ ପ୍ରତିଶତ ପେନ୍‌ସନ୍ ପାଇବେ । ସେହିପରି ସର୍ବନିମ୍ନ ୧୦ବର୍ଷ ଚାକିରି କରିଥିଲେ ମାସିକ ୧୦ହଜାର ଟଙ୍କା ପେନ୍‌ସନ୍ ମିଳିବ । ଏହାଛଡା ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ ହେଲେ ୬୦ ପ୍ରତିଶତ ପରିବାର ପେନ୍‌ସନ୍ ମିଳିବ ବୋଲି ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି ।

***Desk***

# ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଆଜି ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ଶ୍ରାଚୀ ରାଢ଼ ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଖେଳାଯିବ । ରାତି ୮ଟା ୧୫ ମିନିଟ୍‌ରେ ସୁର୍‌ମା ହକି କ୍ଲବ ଏବଂ କଳିଙ୍ଗ ଲାନ୍‌ସର୍ସ ପରସ୍ପରକୁ ଭେଟିବେ ।

ଓଡ଼ିଶା ୱାରିଅର୍ସ ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ଟାଇଟଲ୍ ହାସଲ କରିଛି । ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ' ସୁରମା ହକି କ୍ଲବ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଲିଗ୍ ମହିଳା ବର୍ଗର ଏହି ପ୍ରଥମ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୋରେନ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ମହିଳା ହକି ଦଳକୁ ଶୁଭେଚ୍ଛା ଜଣାଇଥିଲେ । ସୁର୍‌ମା ହକି କ୍ଲବର ଜ୍ୟୋତି' ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି । ଅଧିକ ଗୋଲ୍ ଦେଇଥିବା ଓଡ଼ିଶା ୱାରିଅର୍ସର ୟି.ବି. ଜାନ୍‌ସେନ୍ ଏବଂ ସୁର୍‌ମା ହକି କ୍ଲବର ଚାର୍ଲୋଟେ ଏଞ୍ଜେଲ୍‌ବଟ୍, ସୁର୍‌ମା ହକି କ୍ଲବର ସବିତା ପୁନିଆ ଶ୍ରେଷ୍ଠ ଗୋଲ୍ କିପର୍ ଏବଂ ସୋନମଙ୍କୁ ଶ୍ରେଷ୍ଠ ନବାଗତା ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଛି ।

***HS***

## ପାଣିପାଗ

ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ୧୦ଟି ଜିଲ୍ଲାକୁ ଘନକୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି। ସେହି ଜିଲ୍ଲାଗୁଡ଼ିକ ହେଉଛି କେନ୍ଦୁଝର, ଭଦ୍ରକ, ଯାଜପୁର,

ଢେଙ୍କାନାଳ, ଅନୁଗୁଳ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ।